# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 July – 2026

********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଧେୟକ-୨୦୨୬ ପାରିତ
- ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ସାକ୍ଷତ କରି ରାଜ୍ୟର ଆଇନ୍‌ଶୃଙ୍ଖଳା ଓ ରେଳ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ବନ୍ୟାସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ

ଏବଂ

- ପର୍ଯ୍ୟଟକଙ୍କ ପାଇଁ ଆସନ୍ତାକାଲିଠାରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

# ଏଲ୍‌ଏସ୍‌-ଆର୍‌ଏସ୍‌-ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି। ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଦିଲ୍ଲୀପ ସାଇକିଆ ଆଲୋଚନା ପାଇଁ ଜନ୍ମମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଧେୟକ ୨୦୨୬କୁ ଗ୍ରହଣ କରିଥିଲେ। ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ହଟ୍ଟଗୋଳ ମଧ୍ୟରେ ବିଧେୟକ ଉପସ୍ଥାପନ କରିଥିଲେ । ତେବେ କୌଣସି ଆଲୋଚନା ନ ହୋଇ ବିଧେୟକଟି ଗୃହର ମଞ୍ଜୁରୀ ଲାଭ କରିଥିଲା।

ଏହି ବିଧେୟକରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବିଧିବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି।  ସଠିକ୍ ସମୟରେ ଜନସାଧାରଣଙ୍କୁ ଜନ୍ମ ଏବଂ ମୃତ୍ୟୁ ସମ୍ବନ୍ଧୀୟ ରିପୋର୍ଟ ପ୍ରଦାନ କରିବାକୁ ଏଥିରେ  ବ୍ୟବସ୍ଥା ରହିଛି । ସଂଶୋଧନ ଅନୁଯାୟୀ ଯଦି ଜନ୍ମ କିମ୍ବା ମୃତ୍ୟୁର ଏକବର୍ଷ ପରେ ଓ ଦୁଇବର୍ଷ ପୂର୍ବରୁ ରେଜିଷ୍ଟାରଙ୍କ ନିକଟକୁ ପଞ୍ଜିକରଣ ଲାଗି ଆସେ ସେ କ୍ଷେତ୍ରରେ ଜିଲ୍ଲା ମାଜିଷ୍ଟ୍ରେଟ୍, ଉପଖଣ୍ଡ ମାଜିଷ୍ଟ୍ରେଟ୍ ଅଥବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଧିକୃତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନ ଆବଶ୍ୟକ ହେବ ।

ଯଦି ଏହା ୨ବର୍ଷ ପରେ ପଞ୍ଜିକରଣ ପାଇଁ ଆସେ ତେବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନ ଆବଶ୍ୟକ ହେବ ।

ରାଜ୍ୟସଭାରେ ଆଜି ବିଭିନ୍ନ ପ୍ରସଙ୍ଗରେ ଦସ୍ତାବିଜ୍ ଉପସ୍ଥାପନ କରାଯାଇଥିଲା । ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ସଂସଦୀୟ ଯୁଗ୍ମ କମିଟି ରିପୋର୍ଟ ରାଜ୍ୟସଭାରେ ଉପସ୍ଥାପିତ ହୋଇଥିଲା । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ବିଭାଗୀୟ ସଂସଦୀୟ କମିଟିର ୨୨ତମ ରିପୋର୍ଟ ସମ୍ପର୍କରେ ସୂଚନା ଦେଇ ମିଥ୍ୟା ସମ୍ବାଦର ପ୍ରସାରଣ ବନ୍ଦ କରିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ ।

## ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରି ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ରେଳ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ନୂତନ ରେଳ ଲାଇନ୍ ପ୍ରକଳ୍ପର କାର୍ଯ୍ୟକାରିତା ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଶ୍ରୀ ମାଝୀ କହିଛନ୍ତି, ଆଂଚଳିକ ତଥା ଶିଳ୍ପାଞ୍ଚଳ ସଂଯୋଗୀକରଣକୁ ଅଧିକ କ୍ରିୟାଶୀଳ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ସହଯୋଗରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସରକାର ଆଗେଇ ଚାଲିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବନ୍ୟା-ସୁରେଶ ପୂଜାରୀ

ବନ୍ୟା ଭଳି ସଂକଟ ସମୟରେ ପ୍ରତିଟି ନାଗରିକଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି। ପ୍ରଭାବିତଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମାଝୀ କହିଛନ୍ତି, ଲୋକଙ୍କ ଜୀବନ ଓ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଜଳବନ୍ଦୀ ଅଂଚଳରୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବା ସହ ଆଶ୍ରୟସ୍ଥଳିଗୁଡ଼ିକରେ ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ର ମାଧ୍ୟମରେ ଜରୁରି ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଜିଲ୍ଲାରେ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ଓ ଜଳସେଚନ ବିଭାଗ ସଚିବଙ୍କ ସହ ଆଲୋଚନା କରାଯାଇଛି। ଭୟଭୀତ ନ ହେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାବିତ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ବନ୍ୟା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ**ଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟା ଯୋଗୁଁ ୧୫ଟି ଜିଲ୍ଲାର ୫୭ଟି ବ୍ଲକ୍‌ର ୪୪୬ ପଂଚାୟତ, ୧ ହଜାର ୩୬୨ ଗ୍ରାମ ଓ ୧୧ଟି ପୌରାଞ୍ଚଳ ପ୍ରଭାବିତ ହୋଇଛି।

ମୋଟ ୭ ଲକ୍ଷ ୯୧ ହଜାର ୮୪୬ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଜଳବନ୍ଦୀ ଅବସ୍ଥାରେ ୨ ଲକ୍ଷ ୬୮ ହଜାର ୯୪୩ ଜଣ

ରହିଥିବାବେଳେ ୨୧ ହଜାର ୩୮୦ ହେକ୍ଟର ଚାଷଜମୀ କ୍ଷତିଗ୍ରସ୍ତ ଓ ୭୦୦ ଘର ଭାଙ୍ଗିଥିବା ଜଣାପଡିଛି। ୬୪୭ଟି ଆଶ୍ରୟସ୍ଥଳିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।  ମହାନଦୀକୁ ଛାଡିଦେଲେ ବାକି ସମସ୍ତ ନଦୀରେ ବିପଦସଂକେତ ତଳେ ଜଳ ପ୍ରବାହିତ ହେଉଛି। ବନ୍ୟା ଜଳ କମିବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ତ୍ୱରିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି...

## - V/O -

ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ, ଏସ୍ଆରସି, ପାଣିପାଗ ବିଜ୍ଞାନ ଓ ଜଳସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଭଦ୍ରକ** ଜିଲ୍ଲାରେ ବନ୍ୟା ଯୋଗୁଁ ଧାମନଗର, ଭଣ୍ଡାରିପୋଖରି, ବନ୍ତ, ତିହିଡି, ଚାନ୍ଦବାଲି, ବାସୁଦେବପୁର ସମେତ ୭ଟି ବ୍ଲକ୍‌ର ୧୧୦ଟି ପଂଚାୟତ ୪୨୩ଟି ଗ୍ରାମର ୪ ଲକ୍ଷ ୭୦ ହଜାର ଲୋକ ପ୍ରଭାବିତ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନରୁ ଜଣାପଡିଛି। ୧ ଲକ୍ଷ ୫୮ ହଜାର ୨୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ପ୍ରଭାବିତ ଅଂଚଳରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି।

**ଯାଜପୁର** ଜିଲ୍ଲାର ବୈତରଣୀ, କାଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡଚଣା ଓ ବିଞ୍ଝାରପୁର ବ୍ଲକର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟାଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି। ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ୍‌ର ୯୭ଟି ଗ୍ରାମପଂଚାୟତର ୧ ଲକ୍ଷ ୩୭ ହଜାର ୧୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି।

**କେନ୍ଦ୍ରାପଡା** ଜିଲ୍ଲାର ରାଜକନିକା, ପଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା ଓ ମାର୍ଶାଘାଇ ସମେତ ୭ଟି ବ୍ଲକ୍ ବନ୍ୟାରେ ପ୍ରଭାବିତ ହୋଇଛି।

ବନ୍ୟା ଯୋଗୁଁ **ନୂଆପଡା** ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଖଡିଆଳ ଡୁଆଝରର ରାସ୍ତା ମରାମତି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି।

ଜିଲ୍ଲାର ନୂଆପଡା, କୋମନା, ବୋଡେନ ଓ ଖଡିଆଳ ସମେତ ୪ଟି ବ୍ଲକ୍‌ର ୯ଟି ଗ୍ରାମପଂଚାୟତ ପ୍ରଭାବିତ ହୋଇଛି। ୩୮୫ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ୬ଟି ବନ୍ୟା ଆଶ୍ରୟସ୍ଥଳିରେ ରଖାଯାଇଛି।

ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ଜଳପ୍ରବାହ ବୃଦ୍ଧି ପାଇଥିବାରୁ ଜଗତ୍‌ସିଂହପୁର ଜିଲ୍ଲାର କେତେକ ଶିକ୍ଷାନୁଷ୍ଠାନ ଓ ଯାଜପୁରର ସମସ୍ତ ଶିକ୍ଷାନୁଷ୍ଠାନକୁ ଆଜି ଓ ଆସନ୍ତାକାଲି ପାଇଁ ବନ୍ଦ ଘୋଷଣା କରାଯାଇଛି । ଭଦ୍ରକ ଏବଂ ଖୋର୍ଦ୍ଧାରେ ଆଜିପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ କଟକ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁମାନଙ୍କୁ ଯିବାକୁ ବାରଣ କରାଯାଇଛି । ବନ୍ୟାସ୍ଥିତିର ମୁକାବିଲା ଏବଂ ବନ୍ୟାଜଳ ମୁକାବିଲା କରିବାପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବନ୍ୟା ମୁକାବିଲା ଲାଗି ବିଭିନ୍ନ ସ୍ଥାନରେ ୨୪ଟି ଓଡ୍ରାଫ୍, ୬ଟି ଏନ୍.ଡି.ଆର୍.ଏଫ୍. ଏବଂ ୪୬ଟି ଅଗ୍ନିଶମ ବାହିନୀ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସର୍ବାଧିକ ୮୪ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

**ହୀରାକୁଦ** ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୪ ଦଶମିକ ୬/୦ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ  ପ୍ରତି ସେକେଣ୍ଡ୍‌ରେ ୨ ଲକ୍ଷ ୨୧

ହଜାର ୪୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଦେଇ ୧ ଲକ୍ଷ ୯୨ ହଜାର ୨୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ବନ୍ୟା-ସୁରେଶ ପୂଜାରୀ

ବନ୍ୟା ଭଳି ସଂକଟ ସମୟରେ ପ୍ରତିଟି ନାଗରିକଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି । ପ୍ରଭାବିତଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମାଝୀ କହିଛନ୍ତି, ଲୋକଙ୍କ ଜୀବନ ଓ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ଜଳବନ୍ଦୀ ଅଂଚଳରୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବା ସହ ଆଶ୍ରୟସ୍ଥଳିଗୁଡ଼ିକରେ ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ର ମାଧ୍ୟମରେ ଜରୁରି ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀ ଜିଲ୍ଲାରେ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି । ସର୍ବୋଚ୍ଚ ଯନ୍ତ୍ରୀ ଓ ଜଳସେଚନ ବିଭାଗ ସଚିବଙ୍କ ସହ ଆଲୋଚନା କରାଯାଇଛି । ଭୟଭୀତ ନ ହେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାବିତ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ।

ରାଜ୍ୟରେ ବନ୍ୟା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ**ଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟା ଯୋଗୁଁ ୧୫ଟି

ଜିଲ୍ଲାର ୫୭ଟି ବ୍ଲକ୍‌ର ୪୪୬ ପଂଚାୟତ, ୧ ହଜାର ୩୬୨ ଗ୍ରାମ ଓ ୧୧ଟି ପୌରାଞ୍ଚଳ ପ୍ରଭାବିତ ହୋଇଛି।

ମୋଟ ୭ ଲକ୍ଷ ୯୧ ହଜାର ୮୪୬ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଜଳବନ୍ଦୀ ଅବସ୍ଥାରେ ୨ ଲକ୍ଷ ୬୮ ହଜାର ୯୪୩ ଜଣ ରହିଥିବାବେଳେ ୨୧ ହଜାର ୩୮୦ ହେକ୍ଟର ଚାଷଜମୀ କ୍ଷତିଗ୍ରସ୍ତ ଓ ୭୦୦ ଘର ଭାଙ୍ଗିଥିବା ଜଣାପଡିଛି। ୬୪୭ଟି ଆଶ୍ରୟସ୍ଥଳିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।  ମହାନଦୀକୁ ଛାଡିଦେଲେ ବାକି ସମସ୍ତ ନଦୀରେ ବିପଦସଂକେତ ତଳେ ଜଳ ପ୍ରବାହିତ ହେଉଛି। ବନ୍ୟା ଜଳ କମିବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ତ୍ୱରିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି...

## - V/O -

ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ, ଏସ୍‌ଆରସି, ପାଣିପାଗ ବିଜ୍ଞାନ ଓ ଜଳସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଶୁଣନ୍ତୁ ବନ୍ୟା ସଂପର୍କିତ ଏକ ସ୍ୱତନ୍ତ୍ର ରିପୋର୍ଟ....

**ଭଦ୍ରକ** ଜିଲ୍ଲାରେ ବନ୍ୟା ଯୋଗୁଁ ଧାମନଗର, ଭଣ୍ଡାରିପୋଖରି, ବନ୍ତ, ତିହିଡି, ଚାନ୍ଦବାଲି, ବାସୁଦେବପୁର ସମେତ ୭ଟି ବ୍ଲକ୍‌ର ୧୧୦ଟି ପଂଚାୟତ ୪୨୩ଟି ଗ୍ରାମର ୪ ଲକ୍ଷ ୭୦ ହଜାର ଲୋକ ପ୍ରଭାବିତ ହୋଇଥିବା ଜିଲ୍ଲା

ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନରୁ ଜଣାପଡିଛି। ୧ ଲକ୍ଷ ୫୮ ହଜାର ୨୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ପ୍ରଭାବିତ ଅଂଚଳରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି।

**ଯାଜପୁର** ଜିଲ୍ଲାର ବୈତରଣୀ, କାଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡଚଣା ଓ ବିଞ୍ଝାରପୁର ବ୍ଲକର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟାଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି। ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ୍‌ର ୯୭ଟି ଗ୍ରାମପଂଚାୟତର ୧ ଲକ୍ଷ ୩୭ ହଜାର ୧୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି।

**କେନ୍ଦ୍ରାପଡା** ଜିଲ୍ଲାର ରାଜକନିକା, ପଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା ଓ ମାର୍ଶାଘାଇ ସମେତ ୭ଟି ବ୍ଲକ୍ ବନ୍ୟାରେ ପ୍ରଭାବିତ ହୋଇଛି।

ବନ୍ୟା ଯୋଗୁଁ **ନୂଆପଡା** ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି । ଖଡିଆଳ ଡୁଆଝରର ରାସ୍ତା ମରାମତି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି ।

ଜିଲ୍ଲାର ନୂଆପଡା, କୋମନା, ବୋଡେନ ଓ ଖଡିଆଳ ସମେତ ୪ଟି ବ୍ଲକ୍‌ର ୯ଟି ଗ୍ରାମପଂଚାୟତ ପ୍ରଭାବିତ ହୋଇଛି । ୩୮୫ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ୬ଟି ବନ୍ୟା ଆଶ୍ରୟସ୍ଥଳିରେ ରଖାଯାଇଛି ।

ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ଜଳପ୍ରବାହ ବୃଦ୍ଧି ପାଇଥିବାରୁ ଜଗତ୍‌ସିଂହପୁର ଜିଲ୍ଲାର କେତେକ ଶିକ୍ଷାନୁଷ୍ଠାନ ଓ ଯାଜପୁରର ସମସ୍ତ ଶିକ୍ଷାନୁଷ୍ଠାନକୁ ଆଜି ଓ ଆସନ୍ତାକାଲି ପାଇଁ ବନ୍ଦ ଘୋଷଣା କରାଯାଇଛି । ଭଦ୍ରକ ଏବଂ ଖୋର୍ଦ୍ଧାରେ ଆଜିପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ କଟକ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁମାନଙ୍କୁ ଯିବାକୁ ବାରଣ କରାଯାଇଛି । ବନ୍ୟାସ୍ଥିତିର ମୁକାବିଲା ଏବଂ ବନ୍ୟାଜଳ ମୁକାବିଲା କରିବାପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବନ୍ୟା ମୁକାବିଲା ଲାଗି ବିଭିନ୍ନ ସ୍ଥାନରେ ୨୪ଟି ଓଡ୍ରାଫ୍, ୬ଟି ଏନ୍.ଡି.ଆର୍.ଏଫ୍. ଏବଂ ୪୬ଟି ଅଗ୍ନିଶମ ବାହିନୀ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସର୍ବାଧିକ ୮୪ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

**ହୀରାକୁଦ** ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୪ ଦଶମିକ ୬/୦ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୨ ଲକ୍ଷ ୨୧ ହଜାର ୪୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଦେଇ ୧ ଲକ୍ଷ ୯୨ ହଜାର ୨୬୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲି ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ, ପରିବେଶ ଓ ପ୍ରକୃତି ସମ୍ପର୍କିତ ପୁସ୍ତକ ପଢ଼ିବାର ସୁଯୋଗ ପାଇବା ସହ ସଂଗ୍ରହାଳୟ ବୁଲି ଦେଖିପାରିବେ। ଡାଙ୍ଗମାଳରେ ୬ଟି ଏବଂ ଗୁପ୍ତିରେ ୪ଟି ଫାଇବର ବୋଟ୍‌ରେ ପର୍ଯ୍ୟଟକମାନେ ଭ୍ରମଣ କରି ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। କୁମ୍ଭୀରଙ୍କ ପ୍ରଜନନ ପାଇଁ ମେ’ ମାସ ୧

ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଛି ।

## ସୁଭଦ୍ରା ଶକ୍ତି କେନ୍ଦ୍ର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି **ପୁରୀ** ପେଣ୍ଟକଟାସ୍ଥିତ ଆଇଟିଆଇ କଲେଜ୍ ନିକଟରେ ସୁଭଦ୍ରା ଶକ୍ତି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ର ମହିଳାମାନଙ୍କୁ ଆତ୍ମନିର୍ଭର ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ସହ ସେମାନଙ୍କ ଉତ୍ପାଦକୁ ବଜାର ସହ ଯୋଡିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ବିଧାୟକ ସୁନୀଲ କୁମାର ମହାନ୍ତି, ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଟ୍ ହୋମ୍ ପାର୍ଟି

କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ୍ ଜୟନଗର ଖୁଣ୍ଟା ଗ୍ରାମର ସଫଳ ମତ୍ସ୍ୟଚାଷୀ ସୁରେଶ ଚନ୍ଦ୍ର ରାଉତଙ୍କୁ ରାଷ୍ଟ୍ରପତି ଭବନର ଆଟ୍ ହୋମ୍ ପାର୍ଟି ପାଇଁ ନିମନ୍ତ୍ରଣ ମିଳିଛି । ଶ୍ରୀ ରାଉତ ସ୍ୱତନ୍ତ୍ର ପ୍ରଜାତିର ଚିଙ୍ଗୁଡ଼ି ଚାଷ କରି ସଫଳତା ହାସଲ କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାରର ସୁଯୋଗ ସୃଷ୍ଟି କରିଛନ୍ତି ।

ଚିଙ୍ଗୁଡି ଚାଷୀଙ୍କ ପାଇଁ କେନ୍ଦ୍ର ସରକାର ବୀମା ବ୍ୟବସ୍ଥା କରିଥିବାରୁ ଏହି କ୍ଷେତ୍ରରେ କାର୍ଯ୍ୟରତ ଚାଷୀମାନେ ଅସମୟରେ କ୍ଷତି ସହିବାରୁ ବର୍ତ୍ତି ପାରୁଛନ୍ତି । ଏଥିପାଇଁ ଶ୍ରୀ ରାଉତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା

ଜଣାଇବା ସହ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇଥିବାରୁ ଖୁସି ବ୍ୟକ୍ତ କରି ପ୍ରତିକ୍ରିୟାରେ କହିଛନ୍ତି....

**- V/O –**

## ସମୀକ୍ଷା ବୈଠକ

**ନବରଙ୍ଗପୁର** ପଂଚାୟତ ସାଧନ କେନ୍ଦ୍ରଠାରେ ପ୍ରଧାନଶିକ୍ଷକ, ବିଦ୍ୟାଳୟ ଅଧକ୍ଷ ଏବଂ ଏଏନ୍‌ଏମ୍‌ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ବୈଠକରେ ଅଧକ୍ଷତା କରି ବିଦ୍ୟାଳୟ, ହଷ୍ଟେଲ ପରିଚାଳନା, ପୌଷ୍ଟିକ ଖାଦ୍ୟ ଓ ଶିକ୍ଷାର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟକରି ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପାଲ୍‌କା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।